# କୃଷି ସୂଚନା ସେବା (ଧାନ)

# ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

# ୨୦୧୯ ମସିହା ଅଗଷ୍ଟ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା:

ବୁଣା ଧାନ:

- ଗଭୀର ଓ ସ୍ୱଳ୍ପଗଭୀର ଛଟାବୁଣା ଧାନ ଅଞ୍ଚଳରେ ଯେଉଁଠାରେ ଘାସମରା ଔଷଧ ପ୍ରୟୋଗ କରାଯାଇନଥିବ ସେହି ଜମିରେ ୭ ରୁ ୧୦ ସେ.ମି. ଠିଆ ପାଣି ବାନ୍ଧିରଖି ବେଉଷଣି କରନ୍ତୁ ଏବଂ ଏକର ପିଛା ୧୮ କି.ଗ୍ରା ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ।
- ବର୍ଷାଶ୍ରୀତ ସ୍ୱଳ୍ପଖାଲୁଆ ସିଧା ଛଟାବୁଣା ଯାଇଥିବା ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ବୁଣା ଧାନରେ ବେଉଷଣ କରନ୍ତୁ । ଏହାପରେ ପିଲାସାର ହିସାବରେ ଏକ ତୃତୀୟାଂଶ ଯବକ୍ଷାରଯାନ ସାର (୧୪ କି.ଗ୍ରା. ୟୁରିଆ ପ୍ରତି ଏକର) ପ୍ରୟୋଗ କରନ୍ତୁ ।

ରୁଆ ଧାନ:

- ଯଦି ତଳିଘରାରେ ଉକୁଣିଆ ପୋକ ଦେଖାଯାଏ ତେବେ ଏକର ପ୍ରତି ଘଞ୍ଜକର (ଆଜାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମଡା ସାଇହାଲୋଥ୍ରିନ୍ ୫ % ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ।
- ତଳି ଘରାରେ ମହିଷା ରୋଗ ଏବଂ ପତ୍ରଚିତା ରୋଗର ଲକ୍ଷଣ ଦେଖାଦେଲେ ଏକର ପ୍ରତି ମାନ୍‌କୋଜେବ୍ ୭୫ ଡବ୍ଲୁ.ପି. ୨.୫ ଗ୍ରାମ୍ କିମ୍ବା ମାନ୍‌କୋଜେବ୍ ୬୩% ସହିତ କାବାଣ୍ଡାଜିମ୍ ୧୨% ୨.୫ ଗ୍ରାମ୍ କୁ ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ। ମହିଷା ରୋଗ ପାଦୁର୍ଭାବ ଥିବା ଅଞ୍ଚଳରେ ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲୁ.ପି ୦.୬ ଗ୍ରାମ୍‌କୁ ଏକ ଲିଟର ପାଣି ହିସାବରେ ମିଶାଇ ତଳିଘେରାରେ ସିଞ୍ଚନ କରନ୍ତୁ।
- ଯଦି ତଳିଘେରାରେ ତଳିପୋଡା ରୋଗ ଦେଖାଯାଏ ତେବେ ଏକ ଲିଟର ପାଣିରେ କାର୍ବାଣ୍ଡାଜିମ୍ ୨ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ (ଟିଲ୍ଟ) ୧ ମି.ଲି. ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଚାଷୀ ଭାଇମାନେ ଯଦି ଧାନ ରୁଆ ସାରି ନ ଥିବେ ତେବେ ଅଗଷ୍ଟ ମାସ ପ୍ରଥମ ପକ୍ଷ ଶେଷ ସୁଦ୍ଧା ରୁଆ କାମ ସଂପୂର୍ଣ୍ଣ କରିଦେବା ଦରକାର ।

  ଅଧିକ ଅମଳକ୍ଷମ କିସମରେ ୪ କି.ଗ୍ରା. ୟୁରିଆ, ୪୪ କି.ଗ୍ରା. ଡି.ଏ.ପି, ଏବଂ ୩୩ କି.ଗ୍ରା ଏମ୍.ଓ.ପି କିମ୍ବା ୨୨ କି.ଗ୍ରା ୟୁରିଆ, ୧୨୫ କିଗ୍ରା ଏସ୍.ଏସ୍.ପି., ଏବଂ ୩୩ କି.ଗ୍ରା ଏମ୍.ଓ.ପି, ଶେଷ ଓଡ କାଦୁଅ କରିବା ସମୟରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ବାଲିଆ ମାଟି ହୋଇଥିଲେ ୪ କି.ଗ୍ରା, ୟୁରିଆ, ୪୪ କି.ଗ୍ରା. ଡି.ଏ.ପି, ଏବଂ ୧୬.୫ କି.ଗ୍ରା ଏମ୍.ଓ.ପି କିମ୍ବା ୨୨ କି.ଗ୍ରା ୟୁରିଆ,୧୨୫ କିଗ୍ରା ଏସ୍.ଏସ୍.ପି., ଏବଂ ୧୬.୫ କି.ଗ୍ରା ଏମ୍.ଓ.ପି. ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ସଙ୍କର ଜାତୀୟ ଧାନ କିସମ ପାଇଁ ୬ କି.ଗ୍ରା, ୟୁରିଆ, ୫୨ କି.ଗ୍ରା. ଡି.ଏ.ପି, ଏବଂ ୩୦କି.ଗ୍ରା ଏମ୍.ଓ.ପି କିମ୍ବା ୨୬ କି.ଗ୍ରା ୟୁରିଆ, ୧୫୦ କିଗ୍ରା ଏସ୍.ଏସ୍.ପି. ଏବଂ ୩୦ କି.ଗ୍ରା ଏମ୍.ଓ.ପି, ମୂଳସାର ଭାବେ ମାଟି କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ ।
- ଯେଉଁ ଜମିରେ ଦସ୍ତା ପରିମାଣ କମ୍ ଥିବ ଏକ ଏକର ପିଛା ଜିଙ୍କ୍ ସଲ୍‌ଫେଟ୍ ୧୦ କି.ଗ୍ରା. (ଦୁଇ ବର୍ଷକୁ ଥରେ) ଶେଷଓଡ଼ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଯେଉଁ ଜମିରେ ବୋରନ୍‌ର ଅଭାବ ଥାଏ, ସେଠାରେ ଏକର ପିଛା ବୋରାକ୍ସ ୨ କି.ଗ୍ରା. ଶେଷଓଡ଼ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ୨୫ ରୁ ୩୦ ଦିନର ତଳି ୨୦ ଘ ୧୫ ସେ.ମି. ବ୍ୟବଧାନରେ ବୁଦା ପ୍ରତି ୨-୩ ଟି ତଳି ରୁଅନ୍ତୁ । ସଙ୍କର ଜାତୀୟ ଧାନ ବୁଦା ପ୍ରତି ୧-୨ ଟି ତଳି ରୁଅନ୍ତୁ ।
- ଯେଉଁ ଜମିରେ ମାଟିଆ ଗୁଣ୍ଡି ପୋକର ପ୍ରାର୍ଦୁର୍ଭାବ ଅଧିକା ଥାଏ, ସେଠାରେ ୮-୧୦ ଧାଡି ଧାନ ରୋଇବା ପରେ ୩୦ ସେ.ମି. ବ୍ୟବଧାନ ଛାଡି ପୁଣି ରୁଅନ୍ତୁ ।
- କାଣ୍ଡବିନ୍ଧା ପୋକର ନିରିକ୍ଷଣ ପାଇଁ ଏକର ପିଛା ୪ ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ। ଯେତେବେଳେ ପୁରୁଷ ପ୍ରଜାପତି ର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪- ୫ଟି ହୋଇଯିବ ସେତେବେଳେ ଏକର ପିଛା କ୍ଲୋରାନ୍‌ଟ୍ରନିଲିପ୍ରୋଲ ୪% ଜି.ଆର୍ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରନିଲିପ୍ରୋଲ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ରୁଆଧାନରେ ବାଲୁଂଗା ଦମନ ପାଇଁ ବେନ୍‌ସଲ୍‌ଫୁରନ୍ ମିଥାଇଲ୍ + ପ୍ରିଟିଲାକ୍ଲୋର (ଲୋଣ୍ଡେକ୍ସ ପାଓ୍ୱାର କିମ୍ବା ଇରେଜ୍ ଷ୍ଟ୍ରୋଙ୍ଗ୍ ନାମରେ ବଜାରରେ ଉପଲବ୍ଧ) ଏକରକୁ ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ରୋଇବାର ୩ ରୁ ୭ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୧୨୦ ମି.ଲି. ବିସ୍‌ପାରିବାକ୍ ସୋଡିୟମ୍ ୧୦ ଏସ୍.ସି. (ନୋମିନି ଗୋଲ୍ଡ) ରୋଇବାର ୧୦-୧୨ ଦିନ ପରେ କିମ୍ବା ଏକର ପିଛା ପେନୋକ୍ସୁଲାମ୍ ସହିତ ସାଇହାଲୋଫପ୍ ବ୍ୟୁଟାଇଲ୍ (ଭିଭାୟା) ୯୦୦ ମି.ଲି. ତଳିରୁଆର ୧୫-୨୦ ଦିନ ପରେ ସିଞ୍ଚନ କରନ୍ତୁ ।
- ଯେଉଁ ଜାଗାରେ ଶୀଘ୍ର ତଳିରୁଆ ସରିଥାଏ, ସେଠାରେ ଉକୁଣିଆ ପୋକ ଏବଂ ହଳଦିଆ କାଣ୍ଡବିନ୍ଧା ପୋକ ଦେଖାଦେଲେ ଏକର ପିଛା ନିମ ମଂଜିରୁ ତିଆରି ଔଷଧ ତଥା ଆଜାଡିରାକ୍ଟିନ୍ ୦.୧୫ % ଏକ ଲିଟର ପ୍ରୟୋଗ କରନ୍ତୁ । ଯଦି ନିୟନ୍ତ୍ରଣ ନ ହୁଏ ତେବେ ହଳଦିଆ କାଣ୍ଡବିନ୍ଧା ପୋକ ପାଇଁ ଏକର ପିଛା କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ୪ କି.ଗ୍ରା. କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ୍ ୧୮.୫% ଏସ୍. ସି. ୬୦ ମି.ଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଉକୁଣିଆ ପୋକ ପାଇଁ ଏକର ପିଛା ଲାମଡା ସାଇହାଲୋଥ୍ରିନ୍ ୫ % ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ।

*****